# ଇଣ୍ଟରନେଟ୍‌ରେ ଇ-କାଉନସେଲିଂ କରିବାର ପଦ୍ଧତି

ଚଳିତ ବର୍ଷ ଓଡିଶାରେ ଡିପ୍ଲୋମା ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଣ୍ଟରନେଟ୍ ମାଧ୍ୟମରେ ଇ-କାଉନସେଲିଂ ହେବାର ବ୍ୟବସ୍ଥା କରାଯାଇଅଛି । ଏହାଦ୍ୱାରା ମନୋନୀତ ପ୍ରାର୍ଥୀ (RANK HOLDERS) ମାନେ ଇଣ୍ଟରନେଟ୍ ମାଧ୍ୟମରେ ଓଡିଶାର ଯେ କୌଣସି ସରକାରୀ କିମ୍ବା ବେସରକାରୀ ଡିପ୍ଲୋମା ଶିକ୍ଷାନୁଷ୍ଠାନ ମାନଙ୍କରେ ନାମ ଲେଖାଇ ପାରିବେ । ଏଥି ନିମନ୍ତେ ପ୍ରାର୍ଥୀମାନଙ୍କୁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରିବାକୁ ହେବ ।

ଡିପ୍ଲୋମା ଆଡମିଶନ ପାଇଁ ଉଦ୍ଦିଷ୍ଟ DET-2011 ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଏକ ବା ଏକାଧିକ DET RANK ଡାକ ମାଧ୍ୟମରେ ପଠାଯାଇଅଛି । ଏହା ମଧ୍ୟ ୱେବସାଇଟ୍‌ରୁ ପ୍ରାର୍ଥୀ ନିଜର ରୋଲ ନମ୍ବର ଜରିଆରେ DOWN LOAD କରିପାରିବେ । ଏହାପରେ ଡିପ୍ଲୋମା ଆଡମିଶନ କରିବା ପାଇଁ ପ୍ରତ୍ୟେକ ପ୍ରାର୍ଥୀ ୱେବସାଇଟ୍ (**www.detorissa.nic.in**) ରେ ରେଜିଷ୍ଟ୍ରେସନ କରିବା ବାଧ୍ୟତାମୂଳକ ଏବଂ ଏଥିପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରିବାକୁ ପଡିବ ।

## ୧. ରେଜିଷ୍ଟ୍ରେସନ

କ) ପ୍ରଥମେ ପ୍ରାର୍ଥୀ **www.detorissa.nic.in** ରେ ଲଗଇନ୍ କରି କାଉନ୍‌ସେଲିଂ ପଦ୍ଧତି ପାଇଁ ଉଦ୍ଦିଷ୍ଟ ଲେଖା ଉପରେ ମାଉସ କ୍ଲିକ୍ କରି ଏହାକୁ ଭଲଭାବରେ ପଢି ନିଅନ୍ତୁ ଓ ନୂଆ ରେଜିଷ୍ଟ୍ରେସନ ବଟନ୍‌ରେ କ୍ଲିକ୍ କରନ୍ତୁ । ଏହାପରେ କଂପ୍ୟୁଟର ସ୍କ୍ରିନ ଉପରେ ଏଗ୍ରିମେଣ୍ଟ ପେଜ ଦେଖାଇବ, ଏହାକୁ ଭଲଭାବରେ ପଢି (I AGREE) ସିଲେକ୍ଟ କରି ଏହାର ତଳକୁ ଥିବା (CLICK HERE TO PROCEED) କ୍ଲିକ୍ କଲେ ରେଜିଷ୍ଟ୍ରେସନ ପେଜ ଦେଖାଇବ । ପ୍ରତ୍ୟେକ ପ୍ରାର୍ଥୀ ନିଜର ରେଜିଷ୍ଟ୍ରେସନ କରିବା ନିମନ୍ତେ ନିଜର କୋର୍ସ ନାମ, ରୋଲ ନମ୍ବର, ଆବେଦନ ପତ୍ର (APPLICATION) ନମ୍ବର ଓ ଜନ୍ମ ତାରିଖ ସ୍କ୍ରିନରେ ଦେବାକୁ ହେବ । ସମସ୍ତ ସଠିକ ତଥ୍ୟ ଦେବାପରେ ସବ୍‌ମିଟ୍ (SUBMIT) ଉପରେ ମାଉସ କ୍ଲିକ୍ କରିବାକୁ ହେବ । ଏହାପରେ ପ୍ରାର୍ଥୀଙ୍କର ସମସ୍ତ ଡାଟା (DATA) ସହିତ ରେଜିଷ୍ଟ୍ରେସନ ପେଜ୍ ଦେଖାହେବ ।

ଖ) ପ୍ରତ୍ୟେକ ପ୍ରାର୍ଥୀଙ୍କୁ ନିଜର ଠିକଣା ଓ ମୋବାଇଲ ନମ୍ବର ସ୍କ୍ରିନରେ ଦେବାକୁ ହେବ । ପ୍ରତ୍ୟେକ ପ୍ରାର୍ଥୀଙ୍କୁ କଂପ୍ୟୁଟର ଦ୍ୱାରା ତାଙ୍କର ରୋଲ ନମ୍ବରଟିକୁ ଲଗଇନ୍ ଆଇଡି (**LOG-IN ID**) ଭାବରେ ଦିଆଯିବ ଏବଂ ପ୍ରାର୍ଥୀ ନିଜର ପାସ୍‌ୱାର୍ଡ (**PASSWORD**) ଦେବେ, ଯାହାକୁ ସେମାନେ ମନେ ରଖିବେ ଓ କେବଳ ନିଜ ପାଖରେ ରଖିବେ । ଏହି ପାସ୍‌ୱାର୍ଡ ଦେଇ ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ କାର୍ଯ୍ୟ କରିବେ ।

ଗ) ପ୍ରଥମେ ପ୍ରାର୍ଥୀ ରେଜିଷ୍ଟ୍ରେସନ ବିବରଣୀ ଭଲଭାବରେ ଚେକ୍ କରି ନିଅନ୍ତୁ । ଯଦି କିଛି ଭୁଲଥାଏ, ତେବେ ତାହା ଏଡିଟ୍ (EDIT) କରି ନିଅନ୍ତୁ । ପ୍ରତ୍ୟେକ ପ୍ରାର୍ଥୀ କନ୍‌ଫର୍ମ ରେଜିଷ୍ଟ୍ରେସନ (CONFIRM REGISTRATION) ବଟନ୍ ଉପରେ ମାଉସ କ୍ଲିକ୍ କରନ୍ତୁ । ଏହାପରେ ସେମାନଙ୍କର ରେଜିଷ୍ଟ୍ରେସନ ପ୍ରକ୍ରିୟା ସମାପ୍ତ ହୋଇଗଲା ଏବଂ ପ୍ରତ୍ୟେକ ପ୍ରାର୍ଥୀ ନିଜର ରେଜିଷ୍ଟ୍ରେସନ ପତ୍ର (REGISTRATION SLIP)ର ପ୍ରିଣ୍ଟଆଉଟ୍ କପି ନେଇପାରିବେ । (ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଯଦି କୌଣସି ପ୍ରାର୍ଥୀ ପ୍ରଥମ ସେମିଷ୍ଟାର ଡିପ୍ଲୋମା ଓ ତୃତୀୟ ସେମିଷ୍ଟାର ଡିପ୍ଲୋମା (LATERAL ENTRY) ପାଇଁ ଆବେଦନ କରିଥାଆନ୍ତି, ତେବେ ସେମାନଙ୍କୁ ପ୍ରତ୍ୟେକ କୋର୍ସ ପାଇଁ ପୃଥକ ଭାବରେ ରେଜିଷ୍ଟ୍ରେସନ କରିବାକୁ ପଡିବ)

## ୨. ଚଏସ୍ ଫିଲିଂ

***ବି.ଦ୍ର. - ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଉପଦେଶ ଯେ, ପ୍ରାର୍ଥୀ ଉପଲବ୍ଧ ବିଭିନ୍ନ ଅନୁଷ୍ଠାନ ମାନଙ୍କର ୱେବସାଇଟ୍ ଏବଂ ଖାଲି ଥିବା ସିଟ୍ ଦେଖି ନିଜର ପସନ୍ଦ (CHOICE) କ୍ରମାନ୍ୱୟରେ ଦେବେ । ପ୍ରତ୍ୟେକ ପ୍ରାର୍ଥୀ ଯେତେ ସମ୍ଭବ ପସନ୍ଦ (AS MANY CHOICES AS POSSIBLE) ଦିଅନ୍ତୁ ।***

କ) ରେଜିଷ୍ଟ୍ରେସନ ପ୍ରକ୍ରିୟା ଶେଷ ହେବାପରେ ପ୍ରାର୍ଥୀଙ୍କର ନାମ ଥାଇ ସ୍କ୍ରିନ୍ ଉପରେ ଏକ ୱେଲକମ୍ ସ୍କ୍ରିନ୍ ଦେଖାଇବ । ସ୍କ୍ରିନ୍‌ର ମେନୁବାରରେ ଥିବା (AVAILABLE CHOICES) ବଟନ୍‌ରେ କ୍ଲିକ୍ କଲେ, ପ୍ରାର୍ଥୀ ନିଜର କାଟାଗୋରି ଅନୁଯାୟୀ ତାଙ୍କପାଇଁ ଉପଲବ୍ଧ ଚଏସ ଦେଖିପାରିବେ । ଦରକାର ମନେକଲେ ପ୍ରାର୍ଥୀ ଏହାର ପ୍ରିଣ୍ଟଆଉଟ୍ କପି ମଧ୍ୟ ନେଇପାରିବେ କିମ୍ବା ସାଧା କାଗଜରେ ଲେଖି ରଖିପାରିବେ, ଯାହାକୁ ଦେଖି ପରବର୍ତ୍ତୀ ସମୟରେ ନିଜର ପସନ୍ଦ ମୁତାବକ ଅନୁଷ୍ଠାନ ତଥା ବ୍ରାଞ୍ଚ ଚଏସ୍ ଫିଲିଂ ପାଇଁ ନିଜକୁ ପ୍ରସ୍ତୁତ ରଖିପାରିବେ ।

ଖ) ଆଭେଲେବଲ ଚଏସରୁ ନିଜର ପସନ୍ଦ ମୁତାବକ ଚଏସ ବାଛିସାରିବା ପରେ, ପ୍ରାର୍ଥୀ ସ୍କ୍ରିନ୍‌ର ମେନୁବାରରେ ଥିବା (FILL CHOICES) ବଟନ୍‌ରେ କ୍ଲିକ୍ କଲେ, ସ୍କ୍ରିନ୍ ଉପରେ ପ୍ରାର୍ଥୀଙ୍କର ରୋଲ ନମ୍ବର ଓ ନାମ ଥାଇ ତାଙ୍କପାଇଁ ଆଭେଲେବଲ ଥିବା ଅନୁଷ୍ଠାନ ଓ ବ୍ରାଞ୍ଚ ଥିବା ଫିଲ୍‌ଚଏସ ସ୍କ୍ରିନ୍ ଦେଖାଇବ । ପ୍ରାର୍ଥୀ ନିଜର ପସନ୍ଦ ଅନୁଯାୟୀ ଅନୁଷ୍ଠାନ ଓ ବ୍ରାଞ୍ଚ ଅନୁସାରେ ବାମ ପାର୍ଶ୍ୱରେ ଥିବା ସିଲେକ୍ଟ ଚଏସ ବକ୍ସରେ କ୍ଲିକ୍ କରି ପୃଥକ ପୃଥକ ଭାବେ କିମ୍ବା ସମୂହ ଭାବେ ଯଥାକ୍ରମେ ଆଡ୍ (ADD) କିମ୍ବା (ADD MULTIPLE) ବଟନ୍ କ୍ଲିକ୍ କରି ଚଏସ ଫିଲ୍ କରିପାରିବେ । ଏହି ଚଏସ ଫିଲ୍ କରିବା ସମୟରେ ପ୍ରାର୍ଥୀ ପ୍ରତ୍ୟେକ ଥର ଆଡ୍ (ADD) କିମ୍ବା (ADD MULTIPLE) ବଟନ୍ କ୍ଲିକ୍ କରିବା ପରେ ସ୍କ୍ରିନ୍‌ରେ ଥିବା (SAVE & CONTINUE) ବଟନ୍ କ୍ଲିକ୍ କରି ନିଜର ପରବର୍ତ୍ତୀ ଚଏସ ଫିଲ୍ କରିପାରିବେ । ଏଠାରେ ପ୍ରାର୍ଥୀ ଧ୍ୟାନ ଦେବା ଉଚିତ୍ ହେବ ଯେ, ଯେଉଁ ଅନୁଷ୍ଠାନ ଓ ବ୍ରାଞ୍ଚ ଥରେ ଆଡ୍ କରାଯାଉଛି, ତାହା ବାମ ପାର୍ଶ୍ୱ ସ୍କ୍ରିନ୍‌ରୁ ଦକ୍ଷିଣ ପାର୍ଶ୍ୱ ସ୍କ୍ରିନକୁ ସ୍ଥାନାନ୍ତରିତ ହେଉଅଛି ।

ଗ) ଯଦି ଆଡ୍ ହୋଇଥିବା ପସନ୍ଦ ମୁତାବକ ଅନୁଷ୍ଠାନ ଓ ବ୍ରାଞ୍ଚ କ୍ରମାନ୍ୱୟ (PRIORITY) ଅନୁସାରେ ନ ଥାଏ, କିମ୍ବା ବଦଳାଇବାକୁ ହୁଏ, ତେବେ ପ୍ରାର୍ଥୀ ଦକ୍ଷିଣ ପାର୍ଶ୍ୱରେ ଥିବା ଚଏସ (CHOICE)ର ନିମ୍ନକୁ ଥିବା ନମ୍ବର ଦେଖି ଏହାର ବାମ ପାର୍ଶ୍ୱକୁ ଥିବା ବକ୍ସରେ କ୍ଲିକ୍ କରି ସେହି ଲାଇନ୍‌ର ଦକ୍ଷିଣ ପାର୍ଶ୍ୱକୁ ଥିବା ଅପ୍ କିମ୍ବା ଡାଉନ୍ ତୀର ଚିହ୍ନ ଉପରେ କ୍ଲିକ୍ କରି ନିଜ ପସନ୍ଦର କ୍ରମାନ୍ୱୟ (PRIORITY) ବଦଳାଇ ପାରିବେ । ସେହିପରି ସ୍ୱାପିଂ ଓ ମୁଭ ଚଏସ ମେନୁ ମାଧ୍ୟମରେ ଚଏସଗୁଡିକର ମଧ୍ୟ ନିଜ ପସନ୍ଦର କ୍ରମାନ୍ୱୟ (PRIORITY) ବଦଳାଇ ପାରିବେ । ଏହିପରି ଭାବରେ ପ୍ରାର୍ଥୀ ଯେତେ ସମ୍ଭବ ଅଧିକ ଚଏସ୍ ଦେବା ଉଚିତ୍ । ପ୍ରାର୍ଥୀ ଚଏସ ଫିଲ୍ କରିସାରିବା ପରେ ମେନୁବାରରେ ଥିବା (Display Filled Choices) ବଟନ୍‌ରେ କ୍ଲିକ୍ କଲେ, ସ୍କ୍ରିନଉପରେ ପ୍ରାର୍ଥୀ ଫିଲକରିଥିବା ଅନୁଷ୍ଠାନ ସହିତ ବ୍ରାଞ୍ଚର ନାମ କ୍ରମାନ୍ୱୟ (PRIORITY) ଅନୁସାରେ ଦେଖାଇବ । ଏଠାରେ ପ୍ରାର୍ଥୀ ଚାହିଁଲେ ଏହିପେଜର ନିମ୍ନରେ ଥିବା (Modify) ବଟନ କ୍ଲିକ୍ କରି ନିଜ ପସନ୍ଦର କ୍ରମାନ୍ୱୟ (PRIORITY) ବଦଳାଇ ପାରିବେ । ଏହି ଫିଲ୍ ଚଏସର ପ୍ରିଣ୍ଟଆଉଟ୍ କପି ରଖିବା ନିତ୍ୟାନ୍ତ ଜରୁରୀ, ଯାହାକି ପରବର୍ତ୍ତୀ ଚଏସ ଲକିଂ ସମୟରେ ଦରକାରରେ ଆସିବ । ଏହାପରେ ପ୍ରାର୍ଥୀ ଲଗ୍ ଆଉଟ୍ ବଟନ୍ କ୍ଲିକ୍ କରି ବାହାରି ଆସିପାରିବେ ।

ଘ) ପୂର୍ବ ନିର୍ଦ୍ଧାରିତ ସମୟ ମଧ୍ୟରେ, ସେହି ସମୟ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କର ଫିଲ୍ ଚଏସକୁ ଆଧାର କରି ଏକ ମକ୍ (MOCK) ଆଲଟ୍‌ମେଣ୍ଟ କରାଯାଇ ତାହାର ରେଜଲ୍ଟ ବାହାର କରାହେବ, ଯାହାଦ୍ୱାରା ପ୍ରାର୍ଥୀ କ୍ରମାନ୍ୱୟରେ ପସନ୍ଦ କରିଥିବା ଅନୁଷ୍ଠାନ ଓ ବ୍ରାଞ୍ଚ ମଧ୍ୟରୁ କେଉଁଟି ପାଇଛନ୍ତି ତାହା ଜାଣିପାରିବେ । ଏହି ମକ୍ (MOCK) ଆଲଟ୍‌ମେଣ୍ଟ ପ୍ରାର୍ଥୀଙ୍କ ପସନ୍ଦର ଏକ ଇଣ୍ଡିକେଟିଭ୍ ଓ ଏହାକୁ ଦେଖି ପ୍ରାର୍ଥୀ ତାଙ୍କର ଚଏସ ଫାଇନାଲ କରିପାରିବେ ।

## ୩. ଡକୁମେଣ୍ଟ ଭେରିଫିକେସନ ଓ ଚଏସ ଲକିଂ

କ) ଚଏସ ଫାଇନାଲ କରିବା ପରେ ପ୍ରାର୍ଥୀ ତାଙ୍କପାଇଁ ଉଦ୍ଦିଷ୍ଟ (ASSIGNED) ନୋଡାଲ କାଉନସେଲିଂ ସେଣ୍ଟରକୁ ଯାଇ ପ୍ରଥମେ କାଉନସେଲିଂ ଫି **ଟ୨୦୦.୦୦ଙ୍କା** ଡିପୋଜିଟ୍ କରିବେ । ପ୍ରାର୍ଥୀ ଉଭୟ ୧ମ ଓ ୩ୟ ସେମିଷ୍ଟାର କାଉନ୍‌ସେଲିଂରେ ଭାଗ ନେଉଥିଲେ ମଧ୍ୟ କାଉନସେଲିଂ ଫି ଥରେମାତ୍ର ଡିପୋଜିଟ୍ କରିବାକୁ ପଡିବ । ଏହାପରେ ନିଜର ରେଜିଷ୍ଟ୍ରେସନ ସ୍ଲିପ୍‌ର ପ୍ରିଣ୍ଟକପି, ସମସ୍ତ ଅରିଜିନାଲ ସାର୍ଟିଫିକେଟ ଓ ସ୍ୱହସ୍ତଖତ (SELF ATTESTED) ହୋଇଥିବା ଏକସେଟ୍ ଜେରକ୍ସ କପି ସହିତ ସେଠାରେ ସାର୍ଟିଫିକେଟ ଭେରିଫିକେସନ କରିବେ ।

ଖ) ଏହାପରେ ନୋଡାଲ ସେଣ୍ଟରଠାରେ ପ୍ରାର୍ଥୀ ନୋଡାଲ ସେଣ୍ଟର ଅଫିସରଙ୍କ ଜରିଆରେ ତାଙ୍କର ଚଏସକୁ ଫାଇନାଲ ଲକିଂ କରିପାରିବେ । ଏହି ଚଏସ ଫାଇନାଲ ଲକିଂର ପ୍ରିଣ୍ଟଆଉଟ କପି ପ୍ରାର୍ଥୀ ଓ ନୋଡାଲ ସେଣ୍ଟର ଅଫିସର ଦୁଇଜଣଙ୍କ ଦସ୍ତଖତ ଥାଇ ପ୍ରତ୍ୟେକ ଗୋଟିଏ ଲେଖାଏଁ କପି ରଖିବେ ।

ଗ) ଏହାପରେ ନୋଡାଲ ସେଣ୍ଟରଠାରେ ପ୍ରାର୍ଥୀ ଉପର ଫାଇନାଲ ଚଏସ ଲକିଂ ପ୍ରିଣ୍ଟଆଉଟ କପି ଦେଖାଇ ନିଜର ଡକୁମେଣ୍ଟ ଭେରିଭିକେସନ ସ୍ଲିପର ପ୍ରିଣ୍ଟଆଉଟ ନେଇପାରିବେ ।

## ୪. ପ୍ରୋଭିଜିନାଲ ସିଟ ଆଲଟମେଣ୍ଟ

କ) ପୂର୍ବ ନିର୍ଦ୍ଧାରିତ ଦିନ ଓ ସମୟ ଅନୁସାରେ ପ୍ରଥମ ରାଉଣ୍ଡର ପ୍ରୋଭିଜିନାଲ ସିଟ ଆଲଟମେଣ୍ଟ ରେଜଲ୍ଟ ବାହାରିବ । ଯେଉଁ ପ୍ରାର୍ଥୀ ତାଙ୍କର ମୋବାଇଲ ନମ୍ବର ଦେଇଥିବେ, ସେମାନେ ଏସ.ଏମ.ଏସ. ଦ୍ୱାରା ମେସେଜ ପାଇପାରିବେ ।

ଖ) ୱେବସାଇଟରେ ଲଗ-ଇନ କରି ପ୍ରାର୍ଥୀ ନିଜର ଆଲଟମେଣ୍ଟ ଲେଟର ଓ ଫି-ଡିପୋଜିଟ ଫର୍ମ ଡାଉନଲୋଡ କରିବେ । ପୂର୍ବରୁ ଡକୁମେଣ୍ଟ ଭେରିଫିକେସନ କରିଥିବା ନୋଡାଲ ସେଣ୍ଟରରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ ଦେବାକୁ ହେବ । ଯେଉଁ ପ୍ରାର୍ଥୀ ନିର୍ଦ୍ଧାରିତ ସମସସୀମା ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ ନଦେବେ, ତାଙ୍କର ସିଟ ରଦ୍ଦ (CANCEL) ହୋଇଯିବ ଓ ସେ କାଉନସେଲିଂ ପ୍ରକ୍ରିୟାରୁ ବାହାରିଯିବେ ।

ଗ) ଏହି ପ୍ରୋଭିଜିନାଲ ଆଲଟମେଣ୍ଟରେ ପାଇଥିବା ଅନୁଷ୍ଠାନରେ ପ୍ରାର୍ଥୀ ଆଡମିଶନ କରିବେ ନାହିଁ । ଏହାପରେ ଦ୍ୱିତୀୟ ତଥା ଫାଇନାଲ ଆଲଟମେଣ୍ଟରେ ପ୍ରାର୍ଥୀ ପାଇଥିବା ଅନୁଷ୍ଠାନରେ ଆଡମିଶନ କରିବେ ।

## ୫. ଫାଇନାଲ ଆଲଟମେଣ୍ଟ

କ) ପ୍ରୋଭିଜିନାଲ ଆଲଟମେଣ୍ଟ ପାଇବା ପରେ ଯେଉଁ ପ୍ରାର୍ଥୀମାନେ ଫି ଡିପୋଜିଟ କରିବେ ନାହିଁ, ସେମାନଙ୍କର ସିଟ ଖାଲି (VACANT) ହୋଇଯିବ । ଏହି ସିଟ ଗୁଡିକ ଅଟୋ ଅପଗ୍ରେଡେସନ ମାଧ୍ୟମରେ ପ୍ରଥମ ରାଉଣ୍ଡରେ ଫି ଡିପୋଜିଟ କରିଥିବା ପ୍ରାର୍ଥୀଙ୍କୁ ଦିଆଯିବ ଏବଂ ଏହା ସହିତ ନନ୍-ଆଲଟେଡ ପ୍ରାର୍ଥୀମାନେ ମଧ୍ୟ ଫ୍ରେସ ଆଲଟମେଣ୍ଟ ପାଇପାରିବେ । ଏହାପରେ ଫାଇନାଲ ଆଲଟମେଣ୍ଟର ରେଜଲ୍ଟ ପ୍ରକାଶ ପାଇବ ।

ଖ) ଫ୍ରେସ ଆଲଟମେଣ୍ଟ ପାଇଥିବା ପ୍ରାର୍ଥୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଫି ଡିପୋଜିଟ କରିବେ । ପ୍ରଥମ ରାଉଣ୍ଡରେ ଫି ଡିପୋଜିଟ କରିଥିବା ଓ ବର୍ତ୍ତମାନ ଫ୍ରେସ ଫି ଡିପୋଜିଟ କରିଥିବା ସମସ୍ତଙ୍କର ଫାଇନାଲ ଆଲଟମେଣ୍ଟ ଅନୁସାରେ ପାଇଥିବା ଅନୁଷ୍ଠାନରେ ସାତ ଦିନ ମଧ୍ୟରେ ରିପୋର୍ଟ କରିବେ ।

**ନୋଟ୍ : ପ୍ରାର୍ଥୀ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ ଫୋନ୍ ନମ୍ବର ୯୪୩୮୦-୬୫୧୨୨ / ୯୪୩୮୦-୬୫୧୩୩ / ୯୪୩୮୦-୬୪୯୮ ସହିତ ଅଫିସ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ ।**

*Sd/- Joint-Director (Academic), DTE&T, Orissa*